ସମାଜ
The Samaja

# ବିର୍ଲ୍ଲା ସ୍କୁଲ ଅଫ୍ କମର୍ସ ପକ୍ଷରୁ "ବିକଶିତ ଭାରତ" ସମ୍ବନ୍ଧୀତ ଆଲୋଚନାଚକ୍ର

By **Samaja Digital** — On **Jan 23, 2024**

ନିଉଜ ଆଲର୍ଟ | ଶିକ୍ଷା ଓ ନିଯୁକ୍ତି




ଭୁବନେଶ୍ୱର: ବିର୍ଲା ସ୍କୁଲ ଅଫ୍ କମର୍ସ, ବିର୍ଲା ଗ୍ଲୋବାଲ ୟୁନିଭରସିଟି, ଭୁବନେଶ୍ୱର ପକ୍ଷରୁ "ବିକଶିତ ଭାରତ ୬୨୦୪୭" ଉପରେ ଛାତ୍ରଛାତ୍ରୀମାନଙ୍କ ବିଚାର ଧାରା ଓ ଲକ୍ଷ୍ୟ ସମ୍ପର୍କୀତ ଏକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ରୋଟାରୀଆନ୍ ଜୟଶ୍ରୀ ମହାନ୍ତି , ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରୀ ଇଣ୍ଟର ନ୍ୟାଶନାଲ, ସହ-ପ୍ରତିଷ୍ଠାତା ଏବଂ ପ୍ରେସିଡେଣ୍ଟ ଲ୍ୟୁମିନସ୍ ଇନ୍‌ଫୋୱେଜ୍, ମେମ୍ବର ଷ୍ଟାର୍ଟ ଅପ୍ ଟାସ୍କ ଫୋର୍ସ ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସହ ପ୍ରଫେସର ଭବାନୀ ଶଙ୍କର ନାୟକ, ବିଜିନେସ୍ ମ୍ୟାନେଜମେଣ୍ଟ, ଲଣ୍ଡନ ମେଟ୍ରୋପଲିଟାନ୍ ୟୁନିଭରସିଟି ସମ୍ମାନୀତ ଅତିଥି ରୂପେ ଏଥିରେ ଯୋଗ ଦେଇଥିଲେ । ଜୟଶ୍ରୀ ମହାନ୍ତି ମହିଳା ସଶକ୍ତିକରଣ ଏବଂ ସମାଜରେ ମହିଳାମାନଙ୍କ ସଫଳତାର ବିଭିନ୍ନ ମାଇଲଖୁଣ୍ଟ ଉପରେ ଆଲୋକପାତ କରିଥିଲେ । ପ୍ରଫେସର ଭବାନୀ ଶଙ୍କର ନାୟକ ଆବଶ୍ୟକତା ଭିତ୍ତିକ ସମାଜ ଓ ଇଚ୍ଛା ଭିତ୍ତିକ ସମାଜ ମଧ୍ୟରେ ଥିବା ପାର୍ଥକ୍ୟ ଉପରେ ଆଲୋକପାତ କରି "ବିକଶିତ ଭାରତ ୬୨୦୪୭" ସମ୍ପର୍କୀତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବିର୍ଲା ଗ୍ଲୋବାଲ ୟୁନିଭରସିଟିର କୁଳପତି ପ୍ରଫେସର ପି.ପି. ମାଥୁର ତାଙ୍କ ସମ୍ବୋଧନରେ ଭବିଷ୍ୟତ-କୈନ୍ଦ୍ରିକ ବିକାଶ, ଆଧୁନିକ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ବି.କେ ଦାସ ଓଡିଶା ଜାତୀୟ ଅର୍ଥନୀତିରେ ପ୍ରତିଯୋଗିତାମୂଳକ ଅବଦାନ ପାଇଁ ଏକ ସୁଯୋଗର ହବ୍‌ରେ ପରିଣତ ହୋଇଛି ବୋଲି କହିଥିଲେ । ବିର୍ଲ୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ସାମସନ ମହାରଣା ନିଜ ସ୍ୱାଗତ ଭାଷଣରେ ଭାରତୀୟ ଅର୍ଥନୀତିର ବିଭିନ୍ନ ଆହ୍ୱାନ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଏକ ଭଏସ୍ ଅଫ୍ ୟୁଥ୍ ୬୨୦୪୭ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ସାରା ରାଜ୍ୟରୁ ୨୪ ଟି ଟିମ୍ ଭାଗ ନେଇଥିଲେ ଏବଂ ବିଜୟୀ ଟିମ୍‌କୁ ପୁରସ୍କୃତ କରାଯାଇଥିଲା । ବିର୍ଲ୍ଲା ସ୍କୁଲ ଅପ୍ କମର୍ସର ଆସିଷ୍ଟାଣ୍ଟ ପ୍ରଫେସର ଲୋପାମୁଦ୍ରା ନାୟକ ଏବଂ ଅଶ୍ୱିନୀ କୁମାର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ସହ ଡଃ ଆର୍ .କେ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

Central Library
Birla Global University

WEDNESDAY
January 24, 2024
CUTTACK
EASTERN EDITION
14 Pages ₹12.00

THE HINDU
www.thehindu.com
INDIA'S NATIONAL NEWSPAPER SINCE 1878

FOLLOW US
https://newsth.live/fb
https://newsth.live/whatsapp
https://newsth.live/x
https://newsth.live/ig

Vol. 5 • No. 20

Printed at » Chennai » Coimbatore » Bengaluru » Hyderabad » Madurai » Noida » Visakhapatnam » Thiruvananthapuram » Kochi » Vijayawada » Mangaluru » Tiruchirapalli » Kolkata » Hubballi » Mohali » Malappuram » Mumbai » Tirupati » Lucknow » Cuttack » Patna

# BIRLA SCHOOL OF COMMERCE HOSTS A SEMINAR



Birla School of Commerce, Birla Global University, organized a one-day seminar on Viksit Bharat to seek ideas from the students for a developed India by 2047. Rtn. Jayashree Mohanty, District Governor Rotary International, co-founder & President of Luminous Infoways, Member of the Start-up, Taskforce, and founding chair of CII IWN, graced the seminar as Chief Guest. Prof. Bhabani Shankar Nayak, Professor of Business Management, at London Metropolitan University, was the guest of honour. Rtn. Jayashree Mohanty focused on women's empowerment and various milestones achieved by women in society. She also discussed the need for desire among youth, particularly needed to achieve the economic goals along with the start-up ecosystem. Prof. Bhabani Shankar Nayak spoke on various driving forces leading toward Viksit Bharat by highlighting the difference between need-based societies versus a desire-based society. In his address, Prof. Mathur, Vice Chancellor, BGU, discussed future-centric development and the need for a modern health care and education system in a developed India. In his welcome address, Prof. Samson Moharana, Dean of Birla School of Commerce, analyzed various challenges of the Indian economy and how they can be turned into opportunities.

SAMBAD
ENGLISH

# Birla School Of Commerce Hosts Seminar On Viksit Bharat

Sambad English Bureau — Published On : Jan 20, 2024 at 1:47 PM

— Updated On : Jan 20, 2024 at 3:36 PM

ODISHA LATEST




Bhubaneswar: Birla School of Commerce, Birla Global University organized a one-day seminar on Viksit Bharat with the aim of seeking ideas from the students for a developed India by 2047.

Jayashree Mohanty, District Governor Rotary International, co-founder and President Luminous Infoways, Member Start-up Task force, founding chair CII IWN graced the seminar as Chief Guest. Prof. Bhabani Shankar Nayak, Professor of Business Management, London Metropolitan University was the guest of honour.

Jayashree Mohanty focused on women empowerment and various milestones achieved by women in the society. She also discussed the need of desire among youth particularly needed to achieve the economic goals along with the start-up ecosystem.

Bharat by highlighting on the difference between need-based society versus desire-based society. He said in the long term, the economy should stress on evacuation of illiteracy, ill-health, poverty, etc.

In his address, Prof. Mathur, Vice Chancellor, Birla Global University discussed about a future-centric development and the need for modern health care and education system in a developed India. Prof. B. K. Das, Registrar, Birla Global University, said Odisha is rapidly transforming into a hub of opportunities and have a competitive advantage in contributing to the national economy.

In his welcome address Prof. Samson Moharana, Dean, Birla School of Commerce, analysed various challenges of the Indian economy and how the challenges can be turned into opportunities to become a developed economy.
The session was followed by Youth Presentation Competition where 24 students' teams from all over Odisha participated and the winners were awarded with certificate and cash prize.

The seminar was coordinated by Lopamudra Nayak, and Aswini Kumar Bhuyan Assistant Professors, Birla School of Commerce. Dr. R. K Mishra proposed the vote of thanks.

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୩/୨୦୨୪ (୧୮ ପୃଷ୍ଠା) Bhubaneswar, Tuesday, January 23/2024 Page 18 ₹ 7.00

# ବିର୍ଲା ସ୍କୁଲ ଅଫ୍ କମର୍ସ ପକ୍ଷରୁ 'ବିକଶିତ ଭାରତ' ଆଲୋଚନାଚକ୍ର

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିରେ ବିର୍ଲା ସ୍କୁଲ୍ ଅଫ୍ କମର୍ସ ପକ୍ଷରୁ 'ବିକଶିତ ଭାରତ @୨୦୪୭' ଶୀର୍ଷକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ୍ ଜୟଶ୍ରୀ ମହାନ୍ତି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତୀକରଣ ଏବଂ ସମାଜରେ ମହିଳାଙ୍କ ସଫଳତାର ବିଭିନ୍ନ ମାଇଲଖୁଣ୍ଟ ଉପରେ ଆଲୋକପାତ କରିଥିଲେ। ଲଣ୍ଡନ ମେଟ୍ରୋପଲିଟାନ୍ ୟୁନିଭର୍ସିଟିର ପ୍ରଫେସର ଭବାନୀ ଶଙ୍କର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆବଶ୍ୟକତା ଭିତ୍ତିକ ସମାଜ ଓ ଇଚ୍ଛା ଭିତ୍ତିକ ସମାଜ ମଧ୍ୟରେ ଥିବା ପାର୍ଥକ୍ୟ ଉପରେ କହିଥିଲେ। ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର କୁଳପତି ପ୍ରଫେସର ପିପି ମାଥୁର ଭବିଷ୍ୟତ-କୈନ୍ଦ୍ରିକ ବିକାଶ, ଆଧୁନିକ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ବି.କେ. ଦାସ ଓଡିଶା ଜାତୀୟ ଅର୍ଥନୀତିରେ ପ୍ରତିଯୋଗିତାମୂଳକ ଅବଦାନ ପାଇଁ ଏକ ସୁଯୋଗର ହବ୍‌ରେ ପରିଣତ ହୋଇଛି ବୋଲି କହିଥିଲେ। ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ସାମସନ ମହାରଣା ସ୍ୱାଗତ ଭାଷଣରେ ଭାରତୀୟ ଅର୍ଥନୀତିର ବିଭିନ୍ନ ଆହ୍ୱାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ଭଏସ୍ ଅଫ୍ ୟୁଥ୍ @୨୦୪୭ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ରାଜ୍ୟରୁ ୨୪ଟି ଟିମ୍ ଭାଗ ନେଇଥିଲେ ଏବଂ ବିଜୟୀ ଟିମ୍‌କୁ ପୁରସ୍କୃତ କରାଯାଇଥିଲା। ବିର୍ଲା ସ୍କୁଲ ଅଫ୍ କମର୍ସର ଆସିଷ୍ଟାଣ୍ଟ ପ୍ରଫେସର ଲୋପାମୁଦ୍ରା ନାୟକ ଏବଂ ଅଶ୍ୱିନୀ କୁମାର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. ଆର୍. କେ. ମିଶ୍ର ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ସହ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଛାତ୍ରୀଛାତ୍ର ଓ ଅନ୍ୟମାନେ।

ସକାଳ
THE SAKALA
Bhubaneswar - 23 Jan 2024 - Page 13

# ବିର୍ଲ୍ଲା ସ୍କୁଲ ଅଫ୍ କମର୍ସ ପକ୍ଷରୁ 'ବିକଶିତ ଭାରତ' ଆଲୋଚନାଚକ୍ର



ଭୁବନେଶ୍ୱର,୨୨।୧(ସମିସ)

ବିର୍ଲା ସ୍କୁଲ ଅଫ୍ କମର୍ସ, ବିର୍ଲା ଗ୍ଲୋବାଲ ୟୁନିଭରସିଟି, ଭୁବନେଶ୍ୱର ପକ୍ଷରୁ "ବିକଶିତ ଭାରତ ଅ୨୦୪୭" ଉପରେ ଛାତ୍ରଛାତ୍ରୀମାନଙ୍କ ବିଚାର ଧାରା ଓ ଲକ୍ଷ୍ୟ ସମ୍ପର୍କୀତ ଏକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ୍ ଜୟଶ୍ରୀ ମହାନ୍ତି ,ଡ. ଗଭର୍ଣ୍ଣର ରୋଟାରୀ ଇଣ୍ଟର ନ୍ୟାଶନାଲ, ସହ-ପ୍ରତିଷ୍ଠାତା ଏବଂ ପ୍ରେସିଡେଣ୍ଟ ଲ୍ୟୁମିନସ୍ ଇନ୍‌ଫୋୱେଜ୍, ମେମ୍ବର ଷ୍ଟାର୍ଟ ଅପ୍ ଟାସ୍କ ଫୋର୍ସ ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସହ ପ୍ରଫେସର ଭବାନୀ ଶଙ୍କର ନାୟକ, ବିଜିନେସ୍ ମ୍ୟାନେଜମେଣ୍ଟ, ଲଣ୍ଡନ ମେଟ୍ରୋପଲିଟାନ୍ ୟୁନିଭରସିଟି ସହାନୀତ ଅତିଥି ରୂପେ ଏଥିରେ ଯୋଗ ଦେଇଥିଲେ। ବିଜୟୁ ରେଜିଷ୍ଟ୍ରାର ପ୍ରଫେସର ବି.କେ ଦାସ ଓଡିଶା ଜାତୀୟ ଅର୍ଥନୀତିରେ ପ୍ରତିଯୋଗିତାମୂଳକ ଅବଦାନ ପାଇଁ ଏକ ସୁଯୋଗର ହବ୍‌ରେ ପରିଣତ ହୋଇଛି ବୋଲି କହିଥିଲେ। ଏଥିରେ ବିର୍ଲା ଗ୍ଲୋବାଲ ୟୁନିଭରସିଟିର କୁଳପତି ପ୍ରଫେସର ପି.ପି. ମାଥୁର, ବିର୍ଲ୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ସାମସନ ମହାରଣା,ସ୍କୁଲ ଅଫ୍ କମର୍ସର ଆସିଷ୍ଟାଣ୍ଟ ପ୍ରଫେସର ଲୋପାମୁଦ୍ରା ନାୟକ ଏବଂ ଅଶ୍ୱିନୀ କୁମାର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।